# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୦୯ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୫ ତାରିଖ: ୩୦.୦୧.୨୦୨୪

## ସୋନପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ଏବଂ ଏହି ଅବଧି ମଧ୍ୟରେ ଆକାଶ ଆଂଶିକ କିମ୍ବା ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୩ ରୁ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୨୯% ରୁ ୬୦% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬% ରୁ ୨୩% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୬ ରୁ ୯ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପଶ୍ଚିମ, ପଶ୍ଚିମ କିମ୍ବା ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 31-01-2024 | 01-02-2024 | 02-02-2024 | 03-02-2024 | 04-02-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 30 | 28 | 28 | 29 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 14 | 15 | 14 | 14 | 13 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 2 | 4 | 6 | 0 | 0 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 50 | 59 | 60 | 42 | 29 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 19 | 22 | 23 | 19 | 16 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 6 | 7 | 9 | 8 | 6 |
| ପବନ ଦିଗ (ଡିଗ୍ରୀ) | 244 | 153 | 248 | 291 | 68 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

### ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୦୪ ରୁ ୧୦ ଫେବ୍ରୁୟାରୀ, ୨୦୨୪) ଓଡିଶାରେ ବର୍ଷାର ସ୍ଥିତି ସ୍ୱଭାବିକରୁ କମ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ସ୍ୱଭାବିକ ରହିବାର ସମ୍ଭାବନା ଅଛି ଏବଂ ଆସନ୍ତା ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧି ଦେଖିବାକୁ ମିଳିପାରେ ତେଣୁ ଆଗକୁ ପାଗ ଶୁଷ୍କ ରହିବା ସହିତ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧିର ସମ୍ଭାବନାକୁ ଧ୍ୟାନରେ ରଖି ଚାଷୀ ଭାଇମାନଙ୍କୁ ଖେତରେ ଜଳ ସେଚନର ଉପଯୁକ୍ତ ବ୍ୟବସ୍ଥା କରିବାକୁ ତଥା ଗ୍ରୀଷ୍ମକାଳିନ ପନିପରିବା ଚାଷ ପାଇଁ ନର୍ସରୀରେ ବିହନ ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ଚାଷୀ ଭାଇମାନଙ୍କୁ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ ଶୁଷ୍କ ପାଗରେ କୁହୁଡି ନ ଥିବା ସମୟରେ କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ଆକାଶ ଆଂଶିକ ମେଘାଛନ୍ନ ରହିବା ସହିତ ସକାଳ ସମୟରେ କୁହୁଡି ଦେଖାଯିବାର ମଧ ସମ୍ଭାବନା ଅଛି ।

### ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ରବି ଧାନ | ନର୍ସରୀ / ରୋପଣ | ଯେଉଁ ଚାଷୀ ଭାଇମାନେ ଏପର୍ଯ୍ୟନ୍ତ ବିହନ ବୁଣି ନାହାନ୍ତି ସେମାନେ ଧାନର ଉନ୍ନତ ପ୍ରଭେଦ ଯେପରିକି ସ୍ବର୍ଣ୍ଣ, ୧୦୦୧, MTU-୧୧୫୬ ଇତ୍ୟାଦିର ବିହନ ବୁଣା କାର୍ଯ୍ୟ ଜାନୁଆରୀ ମାସ ଭିତରେ ହିଁ ଯଥାଶୀଘ୍ର ସମାପ୍ତ କରଦିଅନ୍ତୁ ଏବଂ ୨୧ ରୁ ୨୫ ଦିନ ପୁରୁଣା ଗଛର ରୋପଣ କାର୍ଯ୍ୟ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଖେତରେ ପ୍ରାରମ୍ଭ କରିଦିଅନ୍ତୁ । |
| ସୋରିଷ | ପୁଷ୍ପ ଏବଂ ଫଳ ବାହାରିବା ଅବସ୍ଥା | ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ସୋରିଷ ଗଛରେ ଜଉପୋକ ଏବଂ କରତିଆ ମାଛି (Saw fly) ର ନିୟନ୍ତ୍ରଣ ପାଇଁ ଯଥାକ୍ରମେ ୦.୩ ମିଲି ଇମିଡାକ୍ଲୋରପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ୍ ଏବଂ |

| | | |
|---|---|---|
| | | କ୍ଲୋରପ୍ରିଫସ୍ @ ୦.୫ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଚିନାବାଦାମ | ବନସ୍ପତି ବିକାସ | ବିହନ ବୁଣିବାର ୧୫ ଦିନ ମଧ୍ୟରେ ଘାସମରା ଔଷଧ ଭାବରେ ୩ ମିଳି ଇମାଯେଥାପିରକୁ ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରିପାରିବେ । |
| ବାଇଗଣ, ଟମାଟର | ପୁଷ୍ପ ଏବଂ ଫଳ ଅବସ୍ଥା | ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଳୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । |
| ଟମାଟର | ବୁଣିବା/ ବନସ୍ପତି ବିକାସ | ଗ୍ରୀଷ୍ମକାଳିନ ଟୋମାଟୋ ଚାଷ ପାଇଁ ବିହନ ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି କାରଣ ଏବେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖାଯିବାର ସମ୍ଭାବନା ଅଛି ଯାହା ବିହନର ଅଂକୁରଣ ପାଇଁ ଉପଯୋଗୀ ଅଟେ । ଯେଉଁ ଗଛଗୁଡା ବନସ୍ପତି ବିକାସ ସ୍ତରରେ ଅଛି ସେଥିରେ କୁଡା ଖୋସା ଏବଂ ଘାସ ମାରିବା ପାଇଁ ଉପଯୁକ୍ତ ପ୍ରବନ୍ଧ ପରାମର୍ଶ ଦିଆଯାଇଅଛି । |
| ପଶୁପାଳନ | ପଶୁମାନଙ୍କୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ, ଗୁଡ଼ ଇତ୍ୟାଦି ଯୋଗାଇବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ତଥା ଗୁହାଳକୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି)। ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ ଏବଂ ରୋଗିଣା ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠୁ ଅଲଗା ରଖନ୍ତୁ । | |

---


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |


---

କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

**ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।** (https://play.gooogle.com/store/apps/details?id=com.aas.meghdoot)

**କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।** (https://play.google.com/store/apps/details?id=com.lightening.live.damini)